ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଭାମ୍ ଅର୍ଗାନିକ୍ କେମିକାଲ୍ସ ଲିଃ. ଏବଂ ଅନ୍ୟମାନେ

ଅକ୍ଟୋବର 18, 2006

[ଅରିଜିତ୍ ପାଶାୟତ ଏବଂ ଏସ୍. ଏଚ୍. କପାଡିଆ, ନ୍ୟାୟମୂର୍ତ୍ତିଦ୍ୱୟ]

*କରଧାର୍ଯ୍ୟ-- ଅନ୍ୟାୟ ସମୃଦ୍ଧିକରଣ-ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରି ସର୍ବୋଚ୍ଚ ନ୍ୟାୟାଳୟ ଟିକସଦାତାଙ୍କୁ ଏହି ଆଧାରରେ ଅର୍ଥ ଫେରସ୍ତ ଦେବାକୁ ମନା କରିଦେଇଥିଲେ ଯେ ସେମାନେ କୌଣସି ଦେୟ ପ୍ରଦାନ କରିନଥିଲେ-- ତଥ୍ୟଭିତ୍ତିକ ତ୍ରୁଟିକୁ ଉଦ୍ଧୃତକରି, ଟିକସଦାତା ମଧ୍ୟବର୍ତ୍ତୀକାଳୀନ ଆବେଦନ ଦାଖଲ କରି, ଫେରସ୍ତ ପାଇବାର ହକ ଦାବି କରିଥିଲେ--ରାଜ୍ୟ "ଅନ୍ୟାୟ ସମୃଦ୍ଧିକରଣ" ନୀତି ଉପରେ ନିର୍ଭର କରି ଦାବିକୁ ବିରୋଧ କରିଥିଲା-- ଆବେଦନଗୁଡ଼ିକର ଫଏସଲା କରି, ସର୍ବୋଚ୍ଚ ନ୍ୟାୟାଳୟ ଟିକସଦାତାଙ୍କୁ ସେମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ ଫେରସ୍ତ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ-- ଦାବିକୁ ଯାଞ୍ଚ କରିବା ସମୟରେ, ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଯେକୌଣସି ଗ୍ରାହକଙ୍କୁ ଦିଆଯାଇଥିବା ସମସ୍ତ ରାଶି ସମ୍ବନ୍ଧରେ "ଅନ୍ୟାୟ ସମୃଦ୍ଧିକରଣ" ନୀତିଗୁଡ଼ିକୁ ଧ୍ୟାନରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।*

ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା କେତେକ ଆବେଦନଗୁଡିକୁ ଏହି ଅଦାଲତ ଦ୍ୱାରା ଖାରଜ କରାଯାଇଥିଲା ଯେଉଁଥିରେ ଏହା ଉଲ୍ଲେଖ କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ଏବଂ ଏହି ନ୍ୟାୟାଳୟ ଦ୍ୱାରା ପାରିତ ସ୍ଥଗିତାଦେଶର ବିଭିନ୍ନ ଆଦେଶକୁ ଦୃଷ୍ଟିରେ ରଖି ଉତ୍ତରଦାତା-ଟିକସଦାତାଙ୍କ ଦ୍ୱାରା କୌଣସି ଦେୟ ପ୍ରଦାନ କରାଯାଇ ନାହିଁ, କିନ୍ତୁ ଉଚ୍ଚ ନ୍ୟାୟାଳୟ ଏବଂ ଏହି ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ କିଛି ବ୍ୟାଙ୍କ ପ୍ରତ୍ୟାଭୂତି ଦାଖଲ କରାଯାଇଥିଲା । ସେହି ପୃଷ୍ଠଭୂମିରେ ଏହି ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ, କୌଣସି ଫେରସ୍ତ ଦେବାର ପ୍ରଶ୍ନ ଉଠୁନାହିଁ କାରଣ ଆଇନରେ କୌଣସି କର ଧାର୍ଯ୍ୟ ଅନୁମୋଦିତ ନୁହେଁ, ଏବଂ ରାଶି ପ୍ରାପ୍ତିର ପ୍ରଶ୍ନ ଉଠୁନାହିଁ।

ଉତ୍ତରଦାତାମାନେ ବର୍ତ୍ତମାନର ମଧ୍ୟବର୍ତ୍ତୀକାଳୀନ ଆବେଦନ ଦାଖଲ କରିଛନ୍ତି ଯେଉଁଥିରେ ଦର୍ଶାଯାଇଛି ଯେ କେତେକ ତଥ୍ୟଗତ ତ୍ରୁଟି ସୃଷ୍ଟି ହୋଇଛି, ଯଥାଃ ବାସ୍ତବରେ କେତେକ ଦେୟ ପ୍ରଦାନ କରାଯାଇଥିଲା, ତେଣୁ ସେମାନେ ଫେରସ୍ତ ପାଇବାକୁ ହକଦାର ଥିଲେ ।

ଆବେଦନକାରୀ-ରାଜ୍ୟ ଯଦିଓ ସ୍ୱୀକାର କରିଛନ୍ତି ଯେ କିଛି ଦେୟ ପ୍ରକୃତରେ କରାଯାଇଥିଲା, ତଥାପି ଯୁକ୍ତି ଦର୍ଶାଇଥିଲେ ଯେ ଅନ୍ୟାୟ ସମୃଦ୍ଧିର ଚିନ୍ତାଧାରାକୁ ଦୃଷ୍ଟିରେ ରଖି ଉତ୍ତରଦାତାମାନେ କୌଣସି ଫେରସ୍ତ ପାଇବାକୁ ହକଦାର ନୁହଁନ୍ତି । ଏହା ଯୁକ୍ତି ଦର୍ଶାଇଥିଲା ଯେ ବ୍ୟାଙ୍କ ପ୍ରତ୍ୟାଭୂତି ଦ୍ୱାରା ଅନ୍ତର୍ଭୁକ୍ତ ରାଶି ପାଇଁ ମଧ୍ୟ, ଉତ୍ତରଦାତାମାନେ ଗ୍ରାହକଙ୍କଠାରୁ ବିଭିନ୍ନ ପରିମାଣ ସଂଗ୍ରହ କରିଥିଲେ ଏବଂ ନଗଦ ଦେୟ ବାବଦରେ ସଂଶୋଧନ ଦ୍ୱାରା ଉତ୍ତରଦାତାମାନେ ଅନ୍ୟାୟ ସମୃଦ୍ଧି ନୀତି ପ୍ରୟୋଗକୁ ଏଡ଼ାଇବାକୁ ଚାହାଁନ୍ତି।

ଅବେଦନଗୁଡିକୁ ଫଏସଲା କରି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: 1. ଅନ୍ୟାୟ ସମୃଦ୍ଧିକରଣ ହେଉଛି କ୍ଷତିପୂରଣ ପ୍ରଦାନ ନକରି, ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଲାଭକୁ ଧରି ରଖିବା, ଯେଉଁ ପରିସ୍ଥିତିରେ କ୍ଷତିପୂରଣ ଯୁକ୍ତିଯୁକ୍ତ ଭାବରେ ଆଶା କରାଯାଏ । ଏହା ଅନ୍ୟଠାରୁ

ପ୍ରାପ୍ତ ଏକ ଲାଭ, ଯାହା ଏକ ଉପହାର ଭାବରେ ଉଦ୍ଦିଷ୍ଟ ନୁହେଁ ଏବଂ ଆଇନଗତ ଭାବରେ ନ୍ୟାୟସଙ୍ଗତ ନୁହେଁ, ଯେଉଁଥିପାଇଁ ହିତାଧିକାରୀଙ୍କୁ ନିଶ୍ଚିତ ଭାବରେ କ୍ଷତିପୂରଣ କିମ୍ବା ପ୍ରତିଦାନ ଦେବାକୁ ପଡିବ । ମଫତଲାଲଙ୍କ ମାମଲା ଏବଂ ସୋଲାର ପେଷ୍ଟିସାଇଡସ୍ ମାମଲାରେ ଦର୍ଶାଯାଇଥିବା ଅନ୍ୟାୟ ସମୃଦ୍ଧିକରଣର ନୀତିକୁ ଧ୍ୟାନରେ ରଖି ଅନିବାର୍ଯ୍ୟ ଉପସଂହାର ହେଉଛି ଯେ ଉତ୍ତରଦାତାମାନଙ୍କ ଦ୍ୱାରା ଗ୍ରାହକଙ୍କୁ ଯାହା ପଠାଯାଇଛି ତାହା ଅନ୍ୟାୟ ସମୃଦ୍ଧିକରଣ ନୀତିର କଷଟି ପଥରରେ ପରୀକ୍ଷା କରିବାକୁ ପଡିବ ।

*ମଫତଲାଲ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ [1997] 5 ଏସସିସି 536 ଏବଂ ଭାରତ ସଂଘ ବନାମ ସୋଲାର ପେଷ୍ଟିସାଇଡ୍ ପ୍ରାଇଭେଟ୍ ଲିମିଟେଡ୍,* **(2000) 116 ଇଏଲଟି 401 (ଏସସି) ମାମଲା ଉପରେ ନିର୍ଭର କରିଥିଲେ ।**

*ଉତ୍ତରପ୍ରଦେଶ ଏବଂ ଅନ୍ୟମାନେ ବନାମ ଭାମ୍ ଅର୍ଗାନିକ୍ କେମିକାଲ୍ସ ଲିମିଟେଡ୍ ଏବଂ ଅନ୍ୟମାନେ* **[2004] 1ଡି. ଏସ୍. ସି. ସି. 225, ମାମଲାକୁ ଉଲ୍ଲେଖ କରାଯାଇଛି ।**

2. ତେଣୁ ଆଇ.ଏ. ଗୁଡ଼ିକର ନିମ୍ନଲିଖିତ ନିର୍ଦ୍ଦେଶାବଳୀ ସହିତ ସମାଧାନ କରାଯାଇଛି:

a. ଚାରି ସପ୍ତାହ ମଧ୍ୟରେ, ଉତ୍ତରଦାତାମାନେ ସେମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ ଫେରସ୍ତ ପାଇଁ ଅନୁରୋଧ କରି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଆବେଦନ ଦାଖଲ କରିବେ ।

b. ଦାବି ବିଷୟରେ ଯାଞ୍ଚ କରିବା ସମୟରେ ସମ୍ପୃକ୍ତ କର୍ତ୍ତୃପକ୍ଷ "ଅନ୍ୟାୟ ସମୃଦ୍ଧିକରଣ" ର ନୀତିକୁ ଧ୍ୟାନରେ ରଖିବେ ଯାହା କୌଣସି ଗ୍ରାହକଙ୍କ ଠାରୁ ସଂଗ୍ରହ କରାଯାଇଥିବା ସମସ୍ତ ରାଶି ଉପରେ ନ୍ୟସ୍ତ କରାଯାଇଛି ।

c. କେବଳ ନଗଦ ଦେୟ କ୍ଷେତ୍ରରେ ରିହାତି ଆଦାୟ କରାଯିବ ନାହିଁ ଏବଂ ଏହା ସେହି ଅବଧି ପର୍ଯ୍ୟନ୍ତ ମଧ୍ୟ ସମ୍ପ୍ରସାରିତ ହେବ ଯେଉଁ ସମୟ ପାଇଁ ବ୍ୟାଙ୍କ ପ୍ରତ୍ୟାଭୂତି ପ୍ରଦାନ କରାଯାଇଥିଲା ।ଯଦି ପ୍ରାସଙ୍ଗିକ ଅବଧି ମଧ୍ୟରେ କୌଣସି ଅର୍ଥ ସଂଗ୍ରହ କରାଯାଇଛି, ତେବେ କର୍ତ୍ତୃପକ୍ଷ ଯାଞ୍ଚ କରିବେ ଯେ ପ୍ରତିବାଦୀ ଦ୍ୱାରା ସଂଗ୍ରହ କରାଯାଇଥିବା ରାଶିକୁ ଧାରଣ ଦ୍ୱାରା ଉତ୍ତରଦାତାମାନଙ୍କ କ୍ଷେତ୍ରରେ ଅନ୍ୟାୟ ସମୃଦ୍ଧି ହେବ କି ନାହିଁ ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 4-12

ରେ

2000 ର ଦେୱାନୀ ଆବେଦନ ସଂଖ୍ୟା 5416-5424/2000

ତା 3.4.2000 ରିଖରେ ଆହ୍ଲାବାଦସ୍ଥିତ ଉଚ୍ଚ ନ୍ୟାୟାଳୟର ସି.ଏମ.ଡବ୍ଲ୍ୟୁ.ପି. ସଂଖ୍ୟା 297/2000, 331/1982, 625/1993, 696/1994, 537/1995, 299/1996, 198/1997, 221/1998 ଏବଂ 428/1999 ରେ ପ୍ରଦାନ କରାଯାଇଥିବା ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସହିତ

ସି.ଏ. ସଂଖ୍ୟା 5425/2000 ର ଆଇ.ଏ. ସଂଖ୍ୟା 2, 13-21, ସି.ଏ. ସଂଖ୍ୟା 5427-5435/2000 ର ଆଇ.ଏ. ସଂଖ୍ୟା 29-46, ଏବଂ ସି.ଏ. ସଂଖ୍ୟା 8382/2003 ର ଆଇଏ ସଂଖ୍ୟା 2

ଦୀନେଶ ଦ୍ୱିବେଦୀ, ଆର୍. ଏନ୍. ତ୍ରିବେଦୀ, ଏସ୍. ଡବ୍ଲ୍ୟୁ. ଏ. କାଦରୀ, ରାଜୀବ ଦୁବେ, କମଲେନ୍ଦ୍ର ମିଶ୍ର, ଅଶୋକ କେ. ଶ୍ରୀବାସ୍ତବ, ପି. ବିନୟ କୁମାର, ସ୍ନେହା ଭାସ୍କରନ ଏବଂ ଡି. ଭାରତୀ ରେଡ୍ଡୀ, ଆବେଦନକାରୀଙ୍କ ପାଇଁ।

ଡି. ଏ. ଦାଭେ, ସଞ୍ଜୀବ ସେନ, ଆର. ଏନ୍. କରଞ୍ଜାୱାଲା, ନନ୍ଦିନୀ ଗୋରେ, ପ୍ରଜ୍ଞା ସିଂହ ବାଘେଲ, ମାଣିକ କରଞ୍ଜାୱାଲା, ସୁନୀତା ଶର୍ମା, ଡି. ଏସ୍. ମାହ୍ରା, ଏସ୍. ୱାସିମ ଏ. କାଦରୀ, ବି. ଭି. ବଲରାମ ଦାସ ଏବଂ ରବୀନ୍ଦ୍ର କୁମାର, ଉତ୍ତରଦାତାମାନଙ୍କ ପାଇଁ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତଙ୍କ ଦ୍ୱାରା ।** ଉତ୍ତର ପ୍ରଦେଶ ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ଉତ୍ତରଦାତାମାନଙ୍କ ଦ୍ୱାରା ଏହି ଆବେଦନଗୁଡିକ ଦାଖଲ କରାଯାଇଛି, ଅର୍ଥାତ୍ ଦେୱାନୀ ଆବେଦନ ସଂଖ୍ୟା 5416-5424/2000 । *ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ ବନାମ ଭାମ୍ ଅର୍ଗାନିକ୍ କେମିକାଲ୍ସ ଲିମିଟେଡ୍ ଏବଂ ଅନ୍ୟମାନେ* ମାମଲାକୁ [2004] 1 SCC225 ରେ ରିପୋର୍ଟ କରାଯାଇଥିବା ଏହି ନ୍ୟାୟାଳୟର ଏକ ରାୟ ଦ୍ୱାରା ରାଜ୍ୟର ଆବେଦନଗୁଡ଼ିକୁ ଖାରଜ କରାଯାଇଥିଲା । ରାୟର ପାରା 46 ରେ ଏହା ଉଲ୍ଲେଖ କରାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ଏବଂ ଏହି ନ୍ୟାୟାଳୟ ଦ୍ୱାରା ପାରିତ ସ୍ଥଗିତାଦେଶର ବିଭିନ୍ନ ଆଦେଶକୁ ଦୃଷ୍ଟିରେ ରଖି ଉତ୍ତରଦାତାମାନଙ୍କ ଦ୍ୱାରା କୌଣସି ଦେୟ ପ୍ରଦାନ କରାଯାଇ ନାହିଁ ଏବଂ ବାସ୍ତବରେ ଉଚ୍ଚ ନ୍ୟାୟାଳୟ ଏବଂ ଏହି ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ କିଛି ବ୍ୟାଙ୍କ ପ୍ରତ୍ୟାଭୂତି ଦାଖଲ କରାଯାଇଥିଲା, ସେହି ପୃଷ୍ଠଭୂମିରେ ଏହି ନ୍ୟାୟାଳୟ ଉକ୍ତ ପାରାରେ ଉଲ୍ଲେଖ କରିଥିଲେ ଯେ କୌଣସି ଫେରସ୍ତ ଦେବାର ପ୍ରଶ୍ନ ନାହିଁ କାରଣ ଆଇନରେ କୌଣସି କର ବସାଣ ଅନୁମୋଦିତ ନୁହେଁ, ଏବଂ ରାଶିକୁ ଆଦାୟର ପ୍ରଶ୍ନ ଉଠୁନାହିଁ । ଏହି ମଧ୍ୟବର୍ତ୍ତୀକାଳୀନ ଆବେଦନଗୁଡିକ ଦାଖଲ କରାଯାଇଛି ଯେଉଁଥିରେ ଦର୍ଶାଯାଇଛି ଯେ କେତେକ ତ୍ରୁଟି ବାସ୍ତବରେ ରହିଛି । ବାସ୍ତବରେ, କେତେକ ଦେୟ ପ୍ରଦାନ କରାଯାଇଥିଲା ଏବଂ ତେଣୁ, ଦେୱାନୀ ଆବେଦନରେ ଉତ୍ତରଦାତାମାନେ ଫେରସ୍ତ ପାଇବାକୁ ହକଦାର ଥିଲେ।

ଏହାର ଉତ୍ତରରେ, ଆବେଦନକାରୀ-ରାଜ୍ୟ ପାଇଁ ବିଦ୍ୱାନ ଓକିଲ ଦାଖଲ କରିଥିଲେ ଯେ ଯଦିଓ ଏହା ବାସ୍ତବରେ ସଠିକ୍ ଯେ କେତେକ ଦେୟ ପ୍ରଦାନ କରାଯାଇଥିଲା, କିନ୍ତୁ ଏହି ନ୍ୟାୟାଳୟ ଯଥାର୍ଥ ଭାବରେ ରାୟ ଦେଇଛନ୍ତି ଯେ ଉତ୍ତରଦାତାମାନେ କୌଣସି ଫେରସ୍ତ ପାଇବାକୁ ହକଦାର ନୁହଁନ୍ତି । *ମଫତଲାଲ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* [1997] 5 ଏସସିସି 536 ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଗୁରୁତ୍ୱାରୋପ ହୋଇଥିବା ଅନ୍ୟାୟ ସମୃଦ୍ଧିର ଜଣାଶୁଣା ଚିନ୍ତାଧାରାକୁ ସେବାରେ ଉପଯୋଗୀ କରାଯାଇଥିଲା । ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଯଦିଓ ଉତ୍ତରଦାତାମାନଙ୍କ ପ୍ରାର୍ଥନା ନୀରର୍ଥକ ବୋଲି ଜଣାପଡ଼େ, କିନ୍ତୁ ବାସ୍ତବରେ ତାହା ନୁହେଁ । ଅପରପକ୍ଷରେ, ବ୍ୟାଙ୍କ ପ୍ରତ୍ୟାଭୂତି ଦ୍ୱାରା ଅନ୍ତର୍ଭୁକ୍ତ ରାଶି ପାଇଁ ମଧ୍ୟ ଉତ୍ତରଦାତାମାନେ ଗ୍ରାହକଙ୍କଠାରୁ ବିଭିନ୍ନ ପରିମାଣର ଅର୍ଥ ସଂଗ୍ରହ କରିଥିଲେ । ନଗଦ ଦେୟ ସମ୍ବନ୍ଧରେ ଏକ ସଂଶୋଧନ ଦ୍ୱାରା, ଉତ୍ତରଦାତାମାନେ ଅନ୍ୟାୟ ସମୃଦ୍ଧିକରଣ ନୀତିର ପ୍ରୟୋଗକୁ ଏଡ଼ାଇବାକୁ ଚାହାଁନ୍ତି । *ଭାରତ ସଂଘ ବନାମ ସୋଲାର ପେସ୍ଟିସାଇଡ୍ ପ୍ରାଇଭେଟ ଲିଃ.,* [2000] 116 ଇଏଲଟି 401 ଏସସି. ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟ ଉପରେ ବିଶ୍ୱାସ ରଖାଯାଇଥିଲା।

ଉତ୍ତର ମାଧ୍ୟମରେ ଉତ୍ତରଦାତା-ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଦାଖଲ କରିଥିଲେ ଯେ କରାଯାଇଥିବା ନଗଦ ଦେୟ ସମ୍ବନ୍ଧରେ ସଂଶୋଧନ ଆବଶ୍ୟକ ଏବଂ କୌଣସି ପ୍ରକାରେ ସଂଗ୍ରହ ସହିତ ଜଡିତ ହୋଇପାରିବ ନାହିଁ, ଯଦି କିଛି କରାଯାଏ, ଯାହା ବ୍ୟାଙ୍କ ପ୍ରତ୍ୟାଭୂତି ଦ୍ୱାରା ଅନ୍ତର୍ଭୁକ୍ତ।

ଯଦିଓ ନଗଦ ଆକାରରେ ଜମା ହୋଇଥିବା ଅର୍ଥକୁ ନେଇ ଅନ୍ୟାୟ ସମୃଦ୍ଧିକରଣ ପ୍ରସଙ୍ଗରେ ବିଚାର କରିବା ଉପରେ ଉତ୍ତରଦାତାମାନଙ୍କର କୌଣସି ଆପତ୍ତି ନାହିଁ, ତଥାପି ଏହା କୁହାଯାଇଛି ଯେ ବ୍ୟାଙ୍କ ପ୍ରତ୍ୟାଭୂତି ସମ୍ବନ୍ଧୀୟ ଏକ ବନ୍ଦ ପ୍ରସଙ୍ଗକୁ ପୁନର୍ବାର ଖୋଲିବା ପାଇଁ ଏହା ଏକ ଆଧାର ହୋଇପାରିବ ନାହିଁ, ଯଦିଓ ଏହା ଏହି ତର୍କ ପାଇଁ ସ୍ୱୀକାର କରାଯାଏ ଯେ ସମ୍ପୃକ୍ତ ଅବଧି ପାଇଁ କିଛି ସଂଗ୍ରହ କରାଯାଇଥିଲା।

ଅନ୍ୟାୟ ସମୃଦ୍ଧିକରଣ ହେଉଛି କ୍ଷତିପୂରଣ ପ୍ରଦାନ ନକରି, ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଲାଭକୁ ଧରି ରଖିବା, ଯେଉଁ ପରିସ୍ଥିତିରେ କ୍ଷତିପୂରଣ ଯୁକ୍ତିଯୁକ୍ତ ଭାବରେ ଆଶା କରାଯାଏ । ଏହା ଅନ୍ୟଠାରୁ ପ୍ରାପ୍ତ ଏକ ଲାଭ, ଯାହା ଏକ ଉପହାର ଭାବରେ ଉଦ୍ଦିଷ୍ଟ ନୁହେଁ ଏବଂ ଆଇନଗତ ଭାବରେ ନ୍ୟାୟସଙ୍ଗତ ନୁହେଁ, ଯେଉଁଥିପାଇଁ ହିତାଧିକାରୀଙ୍କୁ ନିଶ୍ଚିତ ଭାବରେ କ୍ଷତିପୂରଣ କିମ୍ବା ପ୍ରତିଦାନ ଦେବାକୁ ପଡିବ।

*ମଫତଲାଲଙ୍କ ମାମଲା* (ଉପରୋକ୍ତ) ଏବଂ *ସୋଲାର ପେଷ୍ଟିସାଇଡ୍ସ ମାମଲା* (ଉପରୋକ୍ତ) ରେ ଦର୍ଶାଯାଇଥିବା ଅନ୍ୟାୟ ସମୃଦ୍ଧିକରଣର ନୀତିକୁ ଧ୍ୟାନରେ ରଖି ଅନିବାର୍ଯ୍ୟ ଉପସଂହାର ହେଉଛି ଯେ ଉତ୍ତରଦାତାମାନଙ୍କ ଦ୍ୱାରା ଗ୍ରାହକଙ୍କୁ ଯାହା ପଠାଯାଇଛି ତାହା ଅନ୍ୟାୟ ସମୃଦ୍ଧିକରଣ ନୀତିର କଷଟି ପଥରରେ ପରୀକ୍ଷା କରିବାକୁ ପଡିବ।

ତେଣୁ, ଆମେ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ସହିତ ଆଇ.ଏ. ଗୁଡ଼ିକର ଫଏସଲା କରୁଛୁ:

1. ଚାରି ସପ୍ତାହ ମଧ୍ୟରେ, ଉତ୍ତରଦାତାମାନେ ସେମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ ଫେରସ୍ତ ପାଇଁ ଅନୁରୋଧ କରି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଆବେଦନ ଦାଖଲ କରିବେ;

2. କରାଯାଇଥିବା ଦାବିକୁ ଯାଞ୍ଚ କରିବା ସମୟରେ ସମ୍ପୃକ୍ତ କର୍ତ୍ତୃପକ୍ଷ "ଅନ୍ୟାୟ ସମୃଦ୍ଧି" ର ନୀତିକୁ ଧ୍ୟାନରେ ରଖିବେ ଯାହା କୌଣସି ଗ୍ରାହକଙ୍କୁ ପଠାଯାଇଛି ଯେ ଏହା ତାଙ୍କଠାରୁ ସଂଗ୍ରହ କରାଯାଇଛି;

3. କେବଳ ନଗଦ ଦେୟ ସମ୍ବନ୍ଧରେ ହୋଇଥିବା ଛାଡ଼କୁ ଆଦାୟ କରାଯିବ ନାହିଁ, ଏବଂ ଏହା ସେହି ଅବଧି ପର୍ଯ୍ୟନ୍ତ ମଧ୍ୟ ସମ୍ପ୍ରସାରିତ ହେବ ଯେଉଁ ସମୟ ପାଇଁ ବ୍ୟାଙ୍କ ପ୍ରତ୍ୟାଭୂତି ପ୍ରଦାନ କରାଯାଇଥିଲା । ଯଦି ପ୍ରାସଙ୍ଗିକ ଅବଧି ମଧ୍ୟରେ କୌଣସି ସଂଗ୍ରହ କରାଯାଇଛି, ତେବେ କର୍ତ୍ତୃପକ୍ଷ ଯାଞ୍ଚ କରିବେ ଯେ ଉତ୍ତରଦାତାମାନଙ୍କ ଦ୍ୱାରା ସଂଗ୍ରହ କରାଯାଇଥିବା ରାଶିକୁ ଧାରଣ ଦ୍ୱାରା ଉତ୍ତରଦାତାମାନଙ୍କ କ୍ଷେତ୍ରରେ ଅନ୍ୟାୟ ସମୃଦ୍ଧି ହେବ କି ନାହିଁ।

ତଦାନୁଯାୟୀ ଆବେଦନଗୁଡ଼ିକର ଫଏସଲା କରାଗଲା।

ବି. ବି. ବି. ଆବେଦନଗୁଡ଼ିକର ସମାଧାନ କରାଗଲା।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।